To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଭାରତର ଏହି ରେଳ ଷ୍ଟେସନରେ ସବୁ କର୍ମଚାରୀ ମହିଳା

माटुंगा
माटुंगा
MATUNGA

R.N.I. No.-42041/83 Vol-15, Issue No.193, ଭଦ୍ରକ, ଶୁକ୍ରବାର, ୧୨, ଜାନୁଆରୀ ୨୦୧୮ ■ Bhadrak, Friday, 12 January 2018 Rs. 2.00 Pages-8

ସିଏମସି ପାଲଟିଲା ରଣକ୍ଷେତ୍ର

ପୋଲିସ-ବିଜେପି କର୍ମୀ ଧସ୍ତାଧସ୍ତି, ଶତାଧିକ ଗିରଫ

CUTTACK MUNICIPAL CORPORATI

କଟକ, ୧୧।୧ (ସକାଳ ଖବର): କଟକ ମହାନିଗର ନିଗମ(ସିଏମସି) କାର୍ଯ୍ୟାଳୟ ଆଗରେ ଗୁରୁବାର ବିଭିନ୍ନ ସମସ୍ୟା ନେଇ ବିଜେପି କର୍ମୀମାନେ ବିକ୍ଷୋଭ କରିଥିବାବେଳେ ପୋଲିସଙ୍କ ସହ ଧସ୍ତାଧସ୍ତି ହୋଇଛି । ବିଜେପି କର୍ମୀମାନେ ସିଏମସି ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକେଇବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଏହି ଘଟଣାରେ ଶତାଧିକ ବିଜେପି କର୍ମୀ ଗିରଫ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଆଜି କଟକ ନଗର ବିଜେପି କର୍ମୀମାନେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ନେତୃତ୍ୱରେ ଜାଇକା କାମରେ ମନ୍ଥରତା, ଦୁର୍ନୀତି ଅଭିଯୋଗର ତଦନ୍ତ ଓ ଅନ୍ୟାନ୍ୟ ଦାବି ନେଇ ସିଏମସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ । ଅଫିସ ଭିତରକୁ ବିଜେପି କର୍ମୀମାନେ ଟୋମାଟ ଓ ଅଣ୍ଡା ମାଡ଼ କରିଥିଲେ । ଏହା ପରେ କର୍ମୀମାନେ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ସେମାନଙ୍କୁ ଅଟକେଇବାକୁ ଉଦ୍ୟମ କରିଥିଲା । ଏହି ସମୟରେ ବିକ୍ଷୋଭକାରୀ କର୍ମୀମାନେ ପୋଲିସ ଉପରକୁ ଢେଲାମାଡ଼ କରିବାରୁ ପୋଲିସ-ବିଜେପି କର୍ମୀ ଧସ୍ତାଧସ୍ତି ହୋଇଥିଲେ । ଏହି ଢେଲାମାଡ଼ରେ ସେଠାରେ ନିୟୋଜିତ ଥିବା ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟଙ୍କ ସମେତ ୩ ଜଣ କନେଷ୍ଟବଳ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ କଟକ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣାରେ ପୋଲିସ ଶତାଧିକ ବିଜେପୀ କର୍ମୀଙ୍କୁ ଗିରଫ କରିଛି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପ୍ରଶାସନ ପକ୍ଷରୁ ସେଠାରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ।

ସାବାସ୍ ଉପସ୍ଥାପିକା

- ● ଅଭିନବ ପ୍ରତିବାଦ
- ● ବିଶ୍ୱବ୍ୟାପୀ ପ୍ରଶଂସା

ଇସ୍‌ଲାମାବାଦ୍, ୧୧।୧ : ପାକିସ୍ତାନର ପଞ୍ଜାବ ପ୍ରାନ୍ତରରେ ଜଣେ ୮ ବର୍ଷୀୟା ନାବାଳିକାକୁ ବଳାତ୍କାର ଓ ହତ୍ୟାକୁ ନେଇ ପାକିସ୍ତାନରେ ବିରୋଧ ଜାରି ରହିଥିବା ବେଳେ ପାକିସ୍ତାନର ଜଣେ ଟିଭି ଆଙ୍କର ଏଭଳି ଏକ ଅଭିନବ ପ୍ରତିବାଦ କରିଛନ୍ତି ଯାହାକୁ କି ବିଶ୍ୱବ୍ୟାପୀ ପ୍ରଶଂସା କରାଯାଇଛି । ସୀମା ଟିଭିର ନ୍ୟୁଜ୍ ଆଙ୍କର କିରଣ ନାଜ ନ୍ୟୁଜ୍ ବୁଲେଟିନ୍‌ରେ ନିଜ ଝିଅକୁ ଉପସ୍ଥାପନ କରିଛନ୍ତି । ବୁଲେଟିନ୍‌ରେ ଆଙ୍କର ଜଣକ କହିଛନ୍ତି ଯେ ଆଜି ମୁଁ ଏଠାରେ ନ୍ୟୁଜ୍ ଉପସ୍ଥାପନା କରିବାକୁ ଆସିନାହିଁ ବରଂ ଜଣେ ମା'ର ହୃଦୟ ନେଇ ଏଠାକୁ ଆସିଛି । ଏହି କାରଣ ଯୋଗୁଁ ଆଜି ମୁଁ ମୋ ଝିଅକୁ ନେଇ ଏଠାକୁ ଆସିଛି । ସେ ନିଜ ଝିଅକୁ କୋଳରେ ବସାଇ ପାକିସ୍ତାନ ଜନତାଙ୍କୁ କହିଥିଲେ ଯେ ଜଣେ କୋମଳ ଝିଅର ହୃଦୟ ବୁଝିବାକୁ ଚେଷ୍ଟା କରନ୍ତୁ । ଏଠାରେ ସୂଚନାଯେ ପାକିସ୍ତାନର ପଞ୍ଜାବ ପ୍ରାନ୍ତରରେ ଜଣେ ୮ ବର୍ଷୀୟା ନାବାଳିକାକୁ ବଳାତ୍କାର ଓ ହତ୍ୟା ପରେ ସଂପୂର୍ଣ୍ଣ ପାକିସ୍ତାନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳନ ହୋଇଥିଲା । ଏଭଳିକି ଏହାକୁ ନେଇ ବିଭିନ୍ନ ସ୍ଥାନରେ ପୋଲିସ ଓ **(ପୃଷ୍ଠା-୭)**

ଖୋଲିଲା ଭିତରକନିକା

କେନ୍ଦ୍ରାପଡ଼ା, ୧୧।୧ (ସକାଳ ଖବର): ସର୍ବସାଧାରଣଙ୍କ ପାଇଁ ଆଜିଠାରୁ ପୁଣି ଖୋଲିଛି ବିଶ୍ୱପ୍ରସିଦ୍ଧ ଜାତୀୟ ଉଦ୍ୟାନ ଭିତରକନିକା । କୁମ୍ଭୀର ଗଣନା ପାଇଁ ଗତ ୩ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଉଦ୍ୟାନଟିକୁ ବନ୍ଦ ରଖାଯାଇଥିଲା । ଗତକାଲି କୁମ୍ଭୀର ଓ ପକ୍ଷୀ ଗଣନା ଶେଷ ହେବା ପରେ ଆଜି ପୁଣି ଥରେ ଭିତରକନିକା ଉଦ୍ୟାନକୁ ଖୋଲାଯାଇଛି । ରାଜନଗର ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ କହିବାନୁଯାୟୀ, ଗତବର୍ଷ ତୁଳନାରେ ପକ୍ଷୀ ଓ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି । ରାଜନଗର ରେଞ୍ଜର ମହାକାଳପଡ଼ା, କନିଲା, ଗହୀରମଥା, ପାଟଶାଳା ଏବଂ ଭିତରକନିକା ପରିସର ମଧ୍ୟରେ କୁମ୍ଭୀର ଓ ପକ୍ଷୀ ଗଣନା କରାଯାଇଥିଲା । ଗଣନା ପରେ ଗତବର୍ଷ ୧୬୮୨ ଟି କୁମ୍ଭୀର ରହିଥିବାବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ ୧୬୮୯ରେ ଆସି ପହଂଚିଛି । ସେହିପରି ଚଳିତ ବର୍ଷ ୩୬ ହଜାର ପକ୍ଷୀ ଆସିଥିବା ଜଣାପଡିଛି ।

ଆହୁରି ସପ୍ତାହେ ଥରାଇବ

- ● ୧୩ଟି ସହରର ତାପମାତ୍ରା ୧୦° ତଳେ
- ● ଫୁଲବାଣୀରେ ସର୍ବନିମ୍ନ ୫

ଭୁବନେଶ୍ୱର, ୧୧।୧ (ସକାଳ ଖବର): ରାଜ୍ୟରେ ବଢ଼ିଚାଲିଛି ଶୀତର ପ୍ରକୋପ । ଗୁରୁବାର ରାଜ୍ୟର ୧୩ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବା ରେକର୍ଡ କରାଯାଇଛି । ଆଭ୍ୟନ୍ତରୀଣ ଓଡ଼ିଶାର ଫୁଲବାଣୀ, ଦାରିଙ୍ଗବାଡ଼ି, ଅନୁଗୁଳ ସହିତ ସୁନ୍ଦରଗଡ଼, କେନ୍ଦୁଝର ଓ ଦକ୍ଷିଣ ଓଡ଼ିଶାରେ ଶୀତ ଅଧିକ ଅନୁଭୂତ ହୋଇଛି । ଶୀତ ଆହୁରି ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗ ସୂତ୍ରନୁସାରେ, ରାଜ୍ୟର ୧୩ଟି ସ୍ଥାନରେ ୧୦ ଡିଗ୍ରୀରୁ କମ୍ ତାପମାତ୍ରା ରେକର୍ଡ କରାଯାଇଛି । ଫୁଲବାଣୀରେ ସର୍ବନିମ୍ନ ୫ ଓ ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ ଥିବାବେଳେ ସୁନ୍ଦରଗଡ଼ରେ ୭.୫, ଝାରସୁଗୁଡ଼ା ୭.୭, ହୀରାକୁଦ ୮.୧, ସୋନପୁର ୮.୨, କେନ୍ଦୁଝରେ, ଅନୁଗୁଳ, ଭବାନୀପାଟଣା ଓ ବଲାଙ୍ଗିରରେ ୯ ଡିଗ୍ରୀ, ସମ୍ବଲପୁର ୯.୧, ବାରିପଦା ୯.୮, ଢେଙ୍କାନାଳ ୯.୯, ଭୁବନେଶ୍ୱର ୧୧ ଓ କଟକରେ ୧୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଲାଞ୍ଚୁଆ ତହସିଲଦାର ଗିରଫ

୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ

ବାରିପଦା, ୧୧।୧ (ସକାଳ ଖବର): ଭିଜିଲାନ୍ସ ବିଛାଇଥିବା ଜାଲରେ ମୟୂରଭଞ୍ଜ ଜିଲାର ଗୋଟାକ ପରେ ଗୋଟାଏ ଲାଂଚୁଆ ସରକାରୀ କର୍ମଚାରୀ ଧରାପଡ଼ି ଜେଲ ଯାଉଥିବା ବେଳେ ଜାନୁଆରୀ ୧୧ରେ ପୁଣି ଜଣେ ସରକାରୀ କର୍ମଚାରୀ ତଥା କପ୍ତିପଦା ତହସିଲଦାର ଏକ ଲକ୍ଷ ଟଙ୍କା ଲାଂଚ ଗ୍ରହଣ କରୁଥିବା ବେଳେ ରଙ୍ଗେ ହାତରେ ଭିଜିଲାନ୍ସ ଯନ୍ତାରେ ଧରାପଡ଼ି ଜେଲ ଯାଇଥିବା ବିଷୟକୁ ନେଇ ଜିଲାରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଭିଜିଲାନ୍ସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, କପ୍ତିପଦା ଥାନା ଅନ୍ତର୍ଗତ ଡ଼ାହିସାହି ଗ୍ରାମର ହେମନ୍ତ କୁମାର ବେହେରା ନିଜର ୩ଟି ଟ୍ରାକ୍ଟରରେ ବାଲି, ଚିପ୍ସ ଆଦି ପରିବହନ କରି ଦୁଇ ପଇସା ରୋଜଗାର କରୁଥିଲେ । ଏହି ବାବଦରେ ମାସିକିଆ ବଟି ଦେଇ ଆସୁଥିଲେ ମଧ୍ୟ ସେଥିରେ ସନ୍ତୋଷ ହୋଇପାରି ନ ଥିଲେ କପ୍ତିପଦା ତହସିଲଦାର ତଥା ସୋର ଥାନା ଅନନ୍ତପୁର ଗ୍ରାମର ଶରତ କୁମାର ମଲ୍ଲିକ । ତେଣୁ ଟ୍ରାକ୍ଟର ମାଲିକ ହେମନ୍ତଙ୍କୁ ଦେଢ଼ ଲକ୍ଷ ଟଙ୍କା ହାତଗୁଞ୍ଜା ମାଗିଥିଲେ, ନଚେତ ବ୍ୟବସାୟକୁ ବନ୍ଦ କରିଦେବାର ଧମକ ଦେଇଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ମୂଲଚାଲ ଆରମ୍ଭ ହୋଇ ଏକ ଲକ୍ଷ ଟଙ୍କାରେ କଥା ଛିଣ୍ଡିଥିଲା । ମାତ୍ର, ହେମନ୍ତ ଉକ୍ତ ଲାଂଚୁଆ ତହସିଲଦାରଙ୍କୁ ସବକ ଶିଖାଇବା ପାଇଁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଯୋଜନା ପ୍ରସ୍ତୁତ କରିଥିଲେ । ଆଜି ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସଠାରୁ ନେଇଥିବା ରଙ୍ଗ ବୋଳା ଏକ ଲକ୍ଷ ଟଙ୍କା କପ୍ତିପଦା ତହସିଲଦାରଙ୍କୁ ନିର୍ଦ୍ଧାରିତ ସ୍ଥାନ ଉଦଳା ମେଣ୍ଢାସାହିସ୍ଥିତ ଭଡ଼ା ଘରେ ପ୍ରଦାନ କରି ପୋଜିସନରେ ଛପି ରହିଥିବା ଭିଜିଲାନ୍ସକୁ ସଙ୍କେତ ଦେଇଥିଲେ ଏବଂ ଭିଜିଲାନ୍ସ ଟିମ ଛଂଚାଣ ବେଗରେ ଝାମ୍ପିପଡ଼ି ତାଙ୍କୁ କାବୁ କରି ତଲାସୀ ନେଇଥିଲେ । ଏହି ସମୟରେ ଅଭିଯୁକ୍ତ ତହସିଲଦାର ଶରତ କୁମାର ମଲ୍ଲିକଙ୍କ ନିକଟରୁ ଭିଜିଲାନ୍ସର ରଙ୍ଗ ବୋଳା ଏକ ଲକ୍ଷ ଟଙ୍କା ଜବତ କରାଯିବା ସଂଗେସଂଗେ ତାଙ୍କୁ ରଙ୍ଗେ ହାତରେ ଗିରଫ କରାଯାଇ ଥିଲା । ଅପରାହ୍ନରେ ବାରିପଦା ଭିଜିଲାନ୍ସ ୟୁନିଟରେ ତହସିଲଦାର ଶରତଙ୍କ ବିରୋଦ୍ଧରେ ଭିଜିଲାନ୍ସରେ ଏକ ମାମଲା ରୁଜୁ ଓ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରାଯିବା ପରେ ତାଙ୍କୁ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ତାରା ପ୍ରସାଦ ରଥଙ୍କ ସମ୍ମୁଖରେ ହାଜର କରାଯାଇ ଥିଲା । କୋର୍ଟ ତାଙ୍କୁ ବାରିପଦା ମଣ୍ଡଳ କାରାଗାର ହାଜତକୁ ପଠାଇ ଦେଇଥିଲେ । ବାରିପଦା ଭିଜିଲାନ୍ସ ୟୁନିଟ ଡ଼ିଏସପି ସଞ୍ଜୟ କୁମାର ଦାସ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଟ୍ରାପ କରାଯାଇଥିବା ବେଳେ ବାରିପଦା ୟୁନିଟର ଇନ୍ସପେକ୍ଟର ପ୍ରଦୀପ ସାମଲ, ଉମା ଶଙ୍କର ନାୟକ, ବାଲେଶ୍ୱର ୟୁନିଟ ଇନ୍ସପେକ୍ଟର ମାନସୀ ବେହେରା, ଅନିରୁଦ୍ଧ ନାୟକ ପ୍ରମୁଖଙ୍କ ସମେତ କନେଷ୍ଟବଳ ତରୁଣ ପାଲବାବୁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

ଶ୍ରେୟସ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଆନ୍ଧ୍ର ପୋଲିସ ଭୁବନେଶ୍ୱର ପହଞ୍ଚିଲେ

ଭୁବନେଶ୍ୱର, ୧୧।୧ (ସକାଳ ଖବର): ବିଶାଖାପାଟଣାସ୍ଥିତ ଶ୍ରୀ ଚୈତନ୍ୟ ବିଦ୍ୟାଳୟର ସହପାଠୀଙ୍କର ର୍‍ୟାଗିଙ୍ଗରେ ସମ୍ବଲପୁର ଜିଲ୍ଲା ଗଡ଼ପୋଷ ଗ୍ରାମର ଶେୟସ ମୃତ୍ୟୁ ହେବା ଘଟଣାର ତଦନ୍ତ ପାଇଁ ଆନ୍ଧ୍ର ପୋଲିସ ଭୁବନେଶ୍ୱରରେ ପହଂଚିଛନ୍ତି । ମୈତ୍ରୀବିହାର ଫାଣ୍ଡିରେ ତଦନ୍ତକାରୀ ପୋଲିସ ଟିମର ନେତୃତ୍ୱ ନେଇଥିବା ପିଏମ ପାଲାମା ଥାନାର ଆଇଆଇସି ଝାନଭିନ କରୁଛନ୍ତି । **(ପୃଷ୍ଠା-୭)**

ବିଜେଡିରୁ ଇସ୍ତଫା ଦେଲେ ରମାରଞ୍ଜନ ବଳିୟାରସିଂହ

ଭୁବନେଶ୍ୱର, ୧୧।୧ (ସକାଳ ଖବର):- ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ରମାରଂଜନ ବଳିୟାରସିଂହ ଗୁରୁବାର ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସମର୍ଥକ ଓ ଶୁଭେଚ୍ଛା ମାନଙ୍କର ମତାମତ ନେଇ ଅନ୍ୟ କୌଣସି ଦଳରେ ଯୋଗ ଦେବା ନେଇ ଚିନ୍ତା କରିବେ ବୋଲି ସେ କହିଛନ୍ତି । ଗୁରୁବାର ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଇସ୍ତଫା ଦେବାର କାରଣ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ଏହି ଦଳରେ ଥିବା ଆଗ ଧାଡିର ନେତା ମାନଙ୍କ ସମେତ ପ୍ରମୁଖ କର୍ମୀ ମାନଙ୍କର ରାଜନୈତିକ ଭବିଷ୍ୟତ ସୁରକ୍ଷିତ ନୁହେଁ। ବିଜେଡିର ଭବିଷ୍ୟତ ନିଶ୍ଚିନ୍ତ ଅନ୍ଧକାରମୟ ଏହା ସ୍ପଷ୍ଟ ଅନୁଭବ କରିବାରୁ ସେ ଇସ୍ତଫା ଦେଇଛନ୍ତି । କ୍ଷୋଭ ପ୍ରକାଶ କରି ସେ କହିଛନ୍ତି ଯେ ପୃଷ୍ଠଭୂମି ଥିବା ସତ୍ୱେ ବିଜୁ ଜନତା ଦଳ ଗତ ପଂଚାୟତ ନିର୍ବାଚନ ପୂର୍ବରୁ ଓ ପରେ ମୁଁ ମୋର ସାଥୀ , ସମର୍ଥକ , ବାସ୍ତବ ବିଜେଡି କର୍ମୀଙ୍କ ପ୍ରତି ଯେପରି ଅନ୍ୟାୟ ଓ ବିଶ୍ୱାସଘାତକତାକୁ ବିରୋଧ କରୁଛି। ଦଳୀୟ କାର୍ଯ୍ୟକ୍ରମ ରାଜଭବନ ଠାରେ ଚାଲିଥିବା ବେଳେ ଆମ ଅଜାଣତରେ ବର୍ତ୍ତମାନର ସ୍ୱାଧୀନ ବିଧାୟକଙ୍କୁ ଦଳରେ ସାମିଲ କରାଗଲା। ନିର୍ବାଚନ ସମୟର ମୋର **(ପୃଷ୍ଠା-୭)**

ଫେବୃୟାରୀ ୨୬ରୁ କଳିଙ୍ଗ ଷ୍ଟାଡିୟମରେ ଆନ୍ତର୍ଜାତିକ ଟେନିସ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଭୁବନେଶ୍ୱର, ୧୧।୧ (ସକାଳ ଖବର): ଆସନ୍ତା ଫେବୃୟାରୀ ୨୬ ତାରିଖଠାରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶା ଟେନିସ ଆସୋସିଏସନ ଓ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଆନ୍ତର୍ଜାତିକ ଟେନିସ୍ ଟୁର୍ଣ୍ଣାମେଂଟ କରାଯିବ । ଏଥିରେ ପୁରୁଷ ସିଙ୍ଗଲ ଓ ଡବଲସ ପୁରୁଷ ମହିଳା ମଧ୍ୟରେ ଟୁର୍ଣ୍ଣାମେଂଟ ଖେଳାଯିବ । ଏ ସମ୍ପର୍କରେ ସୂଚନା ଦେଇ ଆସୋସିଏସନର ସଭାପତି ମଧୁସୂଦନ ପାଢ଼ୀ କହିଛନ୍ତି ଯେ, ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଂଟ ହେବାକୁ ଯାଉଛି । ପୁରସ୍କାର ସ୍ୱରୂପ ୧୫ ହଜାର ଆମେରିକୀୟ ଡଲାର ଦିଆଯିବ ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।

ହୁଣ୍ଡିର ଆୟ (୧୧.୧୧.୧୭)
୪,୪୫,୦୨୭

ଆଜି ଛଡ଼ାଯିବ ଶହେତମ ଉପଗ୍ରହ

ଚେନ୍ନାଇ, ୧୧।୧ : ଶୁକ୍ରବାର ସକାଳ ୯ଟା ୨୯ରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ) ଏହାର ଶହେତମ ଉପଗ୍ରହ ସହିତ ଅନ୍ୟ ୩୦ଟି କ୍ଷୁଦ୍ର ଉପଗ୍ରହକୁ ଉତ୍କ୍ଷେପଣ କରିବା ଲାଗି ସମସ୍ତ ପ୍ରସ୍ତୁତି ଶେଷ କରିଛି । ଏପରିକି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଉତ୍କ୍ଷେମଣ କେନ୍ଦ୍ରରୁ ସଂଘଟିତ ହେବାକୁ ଥିବା ଏହି ବିରଳ ମୁହୂର୍ତ୍ତ ପାଇଁ ଗୁରୁବାର ସକାଳୁ ୨୮ ଘଣ୍ଟିଆ ଅବଗଣନା ଆରମ୍ଭ ହୋଇଯାଇଛି । ଇସ୍ରୋ ନିଜର ଶକ୍ତିଶାଳୀ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକଲ(ପିଏସ୍‌ଏଲ୍‌ଭି) ଶ୍ରେଣୀୟ ଉପଗ୍ରହ ପରିବହନକାରୀ ଉତ୍କ୍ଷେପକ ମାଧ୍ୟମରେ ୨୫୦ରୁ ଅଧିକ ସ୍ୱଦେଶୀ ଓ ବିଦେଶୀ କୃତ୍ରିମ ଉପଗ୍ରହକୁ ସଫଳତାର ସହ ସେମାନଙ୍କ କକ୍ଷପଥରେ ସ୍ଥାନିତ କରିସାରିଛି । ଏଥିରେ ଉତ୍ସାହିତ ହୋଇ ଇସ୍ରୋ ଏହାର ୪୨ତମ ଅଭିଯାନରେ ପିଏସ୍‌ଏଲ୍‌ଭି-ସି୪୦ ରକେଟ୍ ମାଧ୍ୟମରେ ଛୋଟବ ୩୧ଟି ଉପଗ୍ରହକୁ ମହାକାଶ ପଠାଇବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ସାରିଛି । ତେବେ ବିଶେଷତ୍ୱ ହେଲା, ଏହା ଦ୍ୱାରା ଇସ୍ରୋ ସେହି ରକେଟ୍‌ରେ ବହୁସ୍ତରୀୟ ଇନ୍ଧନ ଦହନ ଜ୍ଞାନକୌଶଳର ମଧ ଉନ୍ନୀତ ପରୀକ୍ଷଣ କରିବ । ଭୂପୃଷ୍ଠରୁ ପିଏସ୍‌ଏଲ୍‌ଭି-ସି୪୦ ଉତ୍କ୍ଷେପଣ ହେବା ପରେ ପରେ ସେଥିରେ ୪ ଥର ଧରି ଏପରି ଇନ୍ଧନ ଦହନ ପ୍ରକ୍ରିୟା ଉଜ୍ଜୀବିତ ରହି ଖଞ୍ଜାଯାଇଥିବା କୃତ୍ରିମ ଉପଗ୍ରହଗୁଡ଼ିକୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କକ୍ଷପଥରେ ସ୍ଥାନିତ କରିବ ।

ମାଓବାଦୀଙ୍କୁ ଖାଦ୍ୟ ଯୋଗାଇବା ଅଭିଯୋଗରେ ଜଣେ ଗିରଫ

ଫୁଲବାଣୀ, ୧୧।୧ (ସକାଳ ଖବର): ମାଓବାଦୀଙ୍କୁ ସହଯୋଗ କରିବା ଅଭିଯୋଗରେ ରାଇକିଆ ଥାନା ଅନ୍ତର୍ଗତ ଗଞ୍ଜାଲଗୁ ଗ୍ରାମର ବଳରାମ ମଲ୍ଲିକକୁ ବାଲିଗୁଡ଼ା ଓ ରାଇକିଆ ପୋଲିସ ମଧରାତ୍ରୀ ଘରୁ ଉଠାଇନେଇ ଗିରଫ କରିଛି। ଗତବର୍ଷ ଖମଣଖୋଲ ଠାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଓ ସୁରକ୍ଷା ଜବାନଙ୍କର ଗାଡ଼ିପୋଡ଼ି ଘଟଣାରେ ସମ୍ପୃକ୍ତି ଥିବାନେଇ ବଳରାମ ମଲ୍ଲିକକୁ ପୋଲିସ ସନ୍ଦେହ କରିଆସୁଥିଲା। ବଳରାମ ମାଓବାଦୀମାନଙ୍କୁ ଖବର ଦେବାସହ ଖାଦ୍ୟ ଯୋଗାଉଥିବା ପ୍ରମାଣ ପାଇ ପୋଲିସ ଶେଷରେ ବଳରାମକୁ ଗିରଫ କରିଛି ଏକ ନାଟକୀୟ ଭଙ୍ଗୀରେ। ପୋଲିସ ସାଧା **(ପୃଷ୍ଠା-୭)**

୨୦୧୯ ଏପ୍ରିଲ ସୁଦ୍ଧା ବରମୁଣ୍ଡା ବସ୍ ଷ୍ଟାଣ୍ଡ ହେବ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍

- ■ ନୂତନ ପ୍ରକଳ୍ପରେ ୧୮୦ କୋଟି ଟଙ୍କା ଖର୍ଚ୍ଚ କରାଯିବ
- ■ ସିଟି ବସ୍ ଷ୍ଟାଣ୍ଡ ମଧ୍ୟ କରାଯିବ
- ■ ଅତ୍ୟାଧୁନିକ ସୁବିଧାସୁଯୋଗ ଯାତ୍ରୀମାନେ ପାଇବେ

ଭୁବନେଶ୍ୱର, ୧୧।୧ (ସକାଳ ଖବର): ଏପ୍ରିଲ୍ ୨୦୧୯ ସୁଦ୍ଧା ଭୁବନେଶ୍ୱର ବରମୁଣ୍ଡା ବସ୍ ଷ୍ଟାଣ୍ଡର ନବୀକରଣ କରାଯାଇ ଏହାକୁ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ ଭାବରେ ବିକଶିତ କରାଯିବ । ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଉପରୋକ୍ତ ନିଷ୍ପତି ନିଆଯାଇଛି।

ଏହି ବସ୍ ଟର୍ମିନାଲକୁ ଯାତ୍ରୀମାନେ ଯେପରି ସୁବିଧାରେ ଯାତାୟତ କରିପାରିବେ ସେଥିପାଇଁ ଅଧିକ ସଂଖ୍ୟକ ସିଟି ବସ୍ ଚଳାଚଳ କରିବା ସହିତ ସେଠାରେ ସିଟି ବସ୍ ଷ୍ଟାଣ୍ଡ ମଧ୍ୟ କରାଯିବ । **(ପୃଷ୍ଠା-୭)**

22†ÿþ ÀÿüÿæBæÿó F¯ÿó {¨{sæ{LÿþLÿæàÿ {¯ÿÌßLÿ {¯ÿvÿLÿ fæœÿAæÀÿê 13Àÿ 15 ¨¾¿;ÿ µÿ¯ÿ{œÿÉÀÿ{Àÿ AœÿÏ†ÿ {Üÿ¯ÿ

11s {'ÿÉÀÿ 44 s ¯ÿÉÖÀÿêß Lÿ¸æœÿêÀÿ ¨æß 100 f~ ¨þQ ¯ÿ¿Nÿ ¯ÿ{ÉÌ {¾æS{'ÿ{¯ÿ

Centre for High Technology
Ministry of Petroleum & Natural Gas
IndianOil
ସାମ୍ବାଦିକ ସମ୍ମିଳନୀ
PRESS MEET
11th January, 2018, Bhubaneswar
22nd Refining & Petrochemicals Technology Meet
THEME: EMERG... ENDS IN DOWNSTREAM HYDI... BON SECTOR

AæÿSÀÿ {¨òÀÿ D¨æšäæZÿ ÓÜÿ Lÿó{SÓ LÿþêZÿ ¯ÿ{fxÿ{Àÿ {¾æS'ÿæœÿ

¯ÿÿæóàÿæ{'ÿÉ{Àÿ LÿÓÀÿ 'ÿBs ÉæQæ {QæàÿÀÿæ

{þLÿæœÿLÿæàÿ Ó¨ ¯ÿÿµÿæSêß Óþÿ'ÿæ ¨æ'ÿæÿ ¨Éó Óÿ'ÿ

Aæ¨~Zÿ AæßLÿÀÿ LÿÀÿ {Lÿxÿs F{¯ÿ...

Aæ¨~Zÿ Aæèÿvÿ{Àÿ

AæßLÿÀÿ {Lÿxÿs ¯ÿ¯ÿÀÿ~ê 26 FFÓ- LÿÀÿ'ÿæ†ÿæZÿ ¨æB Aæ¯ÿÉ¿Lÿ Ó`ÿœÿæ

www.incometaxindiaefiling.gov.in

www.tdspc.gov.in (www.incometaxindai.gov.in)

AæßLÿÀÿ ¯ÿµÿæS

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick